# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**13 October - 2024**

**News Editor : *Tapan Kumar Moharana***

*******************************

## ମୁଖ୍ୟ ସମ୍ବାଦ

- ଭିତ୍ତିଭୂମି ପରିବର୍ତ୍ତନରେ ପିଏମ୍ ଗତିଶକ୍ତି ଯୋଜନା ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି; କହିଲେ ପ୍ରଧାନମନ୍ତ୍ରୀ
- ସତ୍ୟ, ନ୍ୟାୟ, ଧର୍ମ ଏବଂ ପୂଣ୍ୟର ନିଦର୍ଶନ ସ୍ୱରୂପ ଶାରଦୀୟ ଦୁର୍ଗୋତ୍ସବର ଅନ୍ତିମ ଦିବସରେ ପାଳନ କରାଯାଉଛି ବିଜୟାଦଶମୀ

— ଭସାଣି ପାଇଁ ଆସନ୍ତାକାଲି ଟ୍ରାଫିକ୍ ନିୟମ କଡାକଡି

- ଶ୍ରୀମନ୍ଦିରରେ ଆସନ୍ତାକାଲିଠାରୁ ଆରମ୍ଭ ହେବ କାର୍ତ୍ତିକ ନୀତି

— ରାଧା ଦାମୋଦର ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ ଶ୍ରୀଜୀଉ

ଏବଂ

- ରାଜ୍ୟରୁ ଆସନ୍ତା ମଙ୍ଗଳବାରଠାରୁ ପ୍ରତ୍ୟାବର୍ତ୍ତନ କରିବ ଦକ୍ଷିଣ ପଶ୍ଚିମ ମୌସୁମୀବାୟୁ

# ପିଏମ୍-ଗତିଶକ୍ତି

ପ୍ରଧାନମନ୍ତ୍ରୀ ଗତିଶକ୍ତି ଯୋଜନାକୁ ତିନି ବର୍ଷ ପୂରଣ ହୋଇଛି। ଏହି ଜାତୀୟ ମାଷ୍ଟର ପ୍ଲାନର ତିନି ବର୍ଷ ପୂର୍ତ୍ତିକୁ  ପ୍ରଶଂସା କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଏହି ପଦକ୍ଷେପ ଭାରତର ଭିତ୍ତିଭୂମିରେ ବିପ୍ଳବ ଆଣିବାରେ ସହାୟକ ହୋଇଛି।  ସାମାଜିକ ଗଣମାଧ୍ୟମରେ ଶ୍ରୀ ମୋଦୀ କହିଛନ୍ତି, ଗତିଶକ୍ତି ବହୁମୁଖୀ ସଂଯୋଗ ସ୍ଥାପନ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଫଳରେ ବିଭିନ୍ନ କ୍ଷେତ୍ରରେ ଦ୍ରୁତ ଏବଂ ଅଧିକ ଦକ୍ଷ ବିକାଶକୁ ପ୍ରୋତ୍ସାହନ ମିଳିପାରିଛି। ସେ କହିଛନ୍ତି, ବିଭିନ୍ନ ଅଂଶୀଦାରଙ୍କ ନିରବଚ୍ଛିନ୍ନ ସମନ୍ୱୟ ଯୋଗୁଁ ଏ କ୍ଷେତ୍ରରେ ଦ୍ରବ୍ୟ ପରିବହନ ପରିସୀମା ବୃଦ୍ଧି ପାଇବା ସହ ଅନେକ ଲୋକଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି ହୋଇଛି । ଶ୍ରୀ ମୋଦୀ କହିଛନ୍ତି, ଗତିଶକ୍ତି ସହିତ ଦେଶ ଏକ ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବା ପାଇଁ ଅଗ୍ରସର ହେଉଛି ଯାହା ପ୍ରଗତି, ଉଦ୍ୟୋଗ ଏବଂ ଉଦ୍ଭାବନକୁ ପ୍ରୋତ୍ସାହିତ କରିବ ।

୨୦୨୧ ମସିହା ଆଜିର ଦିନରେ ନିରବଚ୍ଛିନ୍ନ ଦ୍ରବ୍ୟ ଏବଂ ସେବା ପରିବହନ ପାଇଁ ପ୍ରଧାନମନ୍ତ୍ରୀ ଗତି ଶକ୍ତି ଜାତୀୟ ମାଷ୍ଟର ପ୍ଲାନ ଆରମ୍ଭ କରାଯାଇଥିଲା ।

ଏଥିରେ ଭିତ୍ତିଭୂମି ପ୍ରକଳ୍ପର ଯୋଜନା ଓ କାର୍ଯ୍ୟକାରିତାରେ ୪୪ଟି କେନ୍ଦ୍ରୀୟ ମନ୍ତ୍ରଣାଳୟ ଏବଂ ୩୬ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳକୁ

ଅନ୍ତର୍ଭୁକ୍ତ କରାଯାଇଛି । ବିଭିନ୍ନ ମନ୍ତ୍ରଣାଳୟର ୧୫ ଲକ୍ଷ କୋଟି ଟଙ୍କାରୁ ଅଧିକ ମୂଲ୍ୟର ୨୦୮ଟି ବୃହତ ଭିତ୍ତିଭୂମି ପ୍ରକଳ୍ପର ଆକଳନ କରି ଏହି ପଦକ୍ଷେପ ଏକ ମାଇଲଖୁଣ୍ଟ ହାସଲ କରିଛି ।

## ଦୁର୍ଗାପୂଜା-ଜିଲ୍ଲା

**କଟକ**ର ବିଭିନ୍ନ ପୂଜାମଣ୍ଡପରେ ଆଜି ଅପରାଜିତା ପୂଜା ସହ ସିନ୍ଦୁର ଖେଳ ଅନୁଷ୍ଠିତ ହୋଇଥିଲା । ବିଜୟାଦଶମୀରେ ସଧବା ସ୍ତ୍ରୀମାନେ ପରସ୍ପରକୁ ସିନ୍ଦୁର ବୋଳିଥାନ୍ତି । ଏଥିସହିତ ମା'ଙ୍କୁ ହସଖୁସିରେ ବିଦାୟ ଦେଇ ଆସନ୍ତାବର୍ଷ ପାଇଁ ମା'ଙ୍କର ଆଶୀର୍ବାଦ କାମନା କରିଛନ୍ତି । ଆଜି କେତେକ ପୂଜାମଣ୍ଡପ ପକ୍ଷରୁ ସିନ୍ଦୁର ଖେଳ ସହ ମା'ଙ୍କର ବିସର୍ଜନ ପର୍ବ ଅନୁଷ୍ଠିତ ହୋଇଥିଲା ।

**ବୌଦ୍ଧ** ଜିଲ୍ଲାର ବିଭିନ୍ନ ପୂଜାମଣ୍ଡପଗୁଡ଼ିକରେ ଦୁର୍ଗୋତ୍ସବ ମହାସମାରୋହରେ ଅନୁଷ୍ଠିତ ହେଉଛି । ଆକର୍ଷଣୀୟ ତୋରଣ ସାଙ୍ଗକୁ ରଙ୍ଗିନ ଆଲୋକମାଳା ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଛି । ଚଳିତଥର କମିଟି ପକ୍ଷରୁ ସ୍ୱଳ୍ପ ଖର୍ଚ୍ଚରେ ବର୍ଜ୍ୟ ବସ୍ତୁକୁ ଉପଯୋଗ କରାଯାଇ କୈଳାସଗିରି ଗୁମ୍ଫା ନିର୍ମାଣ କରାଯାଇଛି । ଜିଲ୍ଲାର ତିଲେଶ୍ୱର, ପୁରୁଣାକଟକ, ଚାରିଛକ, ବୌଦ୍ଧ ଆଦି ସ୍ଥାନରେ ମଣ୍ଡପଗୁଡ଼ିକରେ ମା'ଙ୍କର ଦିବ୍ୟମୂର୍ତ୍ତି ଭକ୍ତମାନେ ଦର୍ଶନ କରୁଛନ୍ତି । ବାଉଁଶୁଣି ଖେଳପଡିଆରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ରାବଣ ଦରବାର ଅନୁଷ୍ଠିତ ହେଉଛି ।

**ସୁବର୍ଣ୍ଣପୁର**ରେ ବହୁ ଯାକଜମକରେ ଦଶହରା ପର୍ବ ପାଳିତ ହେଉଛି। ଜିଲ୍ଲାର ୭୭ରୁ ଅଧିକ ମଣ୍ଡପରେ ଦେବୀ ଦୁର୍ଗାଙ୍କର ଅପରାଜିତା ପୂଜା ଅନୁଷ୍ଠିତ ହୋଇଥିଲା। ସୁସଜ୍ଜିତ ଆଲୋକମାଳା ସାଙ୍ଗକୁ ସୁଦୃଶ୍ୟ ତୋରଣ ଏବଂ ଆକର୍ଷଣୀୟ ମଣ୍ଡପରେ ପୂଜିତ ଦେବୀଙ୍କୁ ଦେଖିବା ପାଇଁ ଜନସମାଗମ ଲାଗି ରହିଛି। ଜିଲ୍ଲାର କେତେକ ସ୍ଥାନରେ ଆଜି ରାବଣପୋଡି ଉତ୍ସବ ପାଇଁ ଆୟୋଜନ ଚାଲିଛି।

**ମାଲକାନଗିରି** ଜିଲ୍ଲାର ସଦର ମହକୁମା ସମେତ ମାଥିଲି ଗୋବିନ୍ଦପାଲି, ବାଲିମେଳା, ଚିତ୍ରକୋଣ୍ଡା, କାଲିମେଳା ଓ ପଡିଆସ୍ଥିତ ସମସ୍ତ ପୂଜା ମଣ୍ଡପରେ ଶାନ୍ତିଶୃଙ୍ଖଳାର ସହିତ ଜନସାଧାରଣ ଦେବୀଙ୍କୁ ଦର୍ଶନ କରିଛନ୍ତି।

## ଦଶହରା-ରାବଣପୋଡି

ଅସତ୍ୟ ଉପରେ ସତ୍ୟ, ଅଧର୍ମ ଉପରେ ଧର୍ମ, ଅନ୍ୟାୟ ଉପରେ ନ୍ୟାୟ ଓ ପାପ ଉପରେ ପୂଣ୍ୟର ବିଜୟର ନିଦର୍ଶନ ସ୍ୱରୂପ ପ୍ରଭୁ ଶ୍ରୀରାମଙ୍କ ବିଜୟକୁ ସ୍ମରଣ କରି ଆଜି ବିଜୟାଦଶମୀ ପର୍ବ ପାଳନ କରାଯାଉଛି । ଦେବୀପୀଠଗୁଡ଼ିକରେ ଆଜି ବିଶ୍ରାମ ନୀତି ପାଳନ କରାଯାଉଛି । ପୂଜାମଣ୍ଡପ ଗୁଡ଼ିକରେ ଆଜି ଦଶହରା ପୂଜା ଏବଂ ଶାରଦୀୟ ପୂଜାର ଶେଷଦିନରେ ଆଜି ସନ୍ଧ୍ୟାରେ ପବିତ୍ର ବିଜୟାଦଶମୀ ଅବସରରେ ବିଭିନ୍ନ ସ୍ଥାନରେ ରାବଣପୋଡ଼ି ଅନୁଷ୍ଠିତ ହେଉଛି।

ଚଳିତବର୍ଷ ଭୁବନେଶ୍ୱରରେ ୧୦ଟି ସ୍ଥାନରେ ରାବଣପୋଡି ଉତ୍ସବକୁ ଅନୁମତି ମିଳିଛି ବୋଲି କମିଶନରେଟ୍ ପୁଲିସ୍ ପକ୍ଷରୁ ସୂଚନା ମିଳିଛି। କଟକ ବାଲିଯାତ୍ରା ପଡିଆରେ ରାବଣପୋଡି ଉତ୍ସବ ଅନୁଷ୍ଠିତ ହେଉଛି।

## ଭସାଣ ଟ୍ରାଫିକ କଟକଣା

କଟକ ସହରରେ ଆସନ୍ତାକାଲି ମା' ଦୁର୍ଗାଙ୍କ ଭସାଣ ଉତ୍ସବ ପାଇଁ କମିଶନରେଟ ପୋଲିସ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି । ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ଆସନ୍ତାକାଲି ସକାଳ ୮ଟାରୁ ମଙ୍ଗଳବାର ପ୍ରତିମାଗୁଡ଼ିକ ବିସର୍ଜନ ଶେଷ ହେବା ପର୍ଯ୍ୟନ୍ତ କଟକଣା ବଳବତ୍ତର ରହିବ। ମୁଖ୍ୟ ଛକଗୁଡ଼ିକରେ ଟ୍ରାଫିକ ନିୟମ ଅନୁଯାୟୀ ଶୋଭାଯାତ୍ରା ପାଇଁ ଅନୁମତି ଦିଆଯାଇଛି ବୋଲି ପୁଲିସ ପକ୍ଷରୁ କୁହାଯାଇଛି ।

## ନବରାତ୍ରୀ ପୂଜା

ଆଶ୍ୱିନମାସ ଶୁକ୍ଳପକ୍ଷ ପ୍ରତିପଦା ତିଥିରୁ ଆରମ୍ଭ ହୋଇଥିବା ମା' ଜଗତଜନନୀ ଦୁର୍ଗାଙ୍କର ଆଜି ପବିତ୍ର ଦଶହରା। ରାଜ୍ୟର ବିଭିନ୍ନ ପୂଜାମଣ୍ଡପଗୁଡ଼ିକରେ ବିଜୟାଦଶମୀରେ ମା'ଙ୍କ ନିକଟରେ ଅପରାଜିତା ଲାଗି ହେବା ସହ ମହିଳାମାନଙ୍କ ଦ୍ୱାରା ସିନ୍ଦୁର ଖେଳ ପୂଜାନୀତି ଅନୁଷ୍ଠିତ ହୋଇଛି।

ପାର୍ବଣ ଋତୁପାଇଁ ସାରା ରାଜ୍ୟ ଉତ୍ସବମୁଖର ହୋଇଥିବାବେଳେ ରାୟଗଡ଼ା ଜିଲ୍ଲାର ପ୍ରସିଦ୍ଧଶକ୍ତିପୀଠ ମାମଝିଘରିଆଣି ଓ ମା' ମାର୍କମାପୀଠରେ ଶ୍ରଦ୍ଧାଳୁଙ୍କର ସମାଗମ ହୋଇଛି। ଆଶ୍ୱିନମାସ ମୂଳାଷ୍ଟମୀଠାରୁ ଆରମ୍ଭ ହୋଇଥିବା ଏହି ଷୋଡଶଦିନାତ୍ମକ ପୂଜା ସ୍ୱତନ୍ତ୍ର ରୀତିନୀତି ଅନୁଯାୟୀ ଏଠାରେ ଅନୁଷ୍ଠିତ ହୋଇଥାଏ।

ଏ ସମ୍ପର୍କରେ ଆମ **ରାୟଗଡା** ସାମ୍ବାଦଦାତା ସୀମାଞ୍ଚଳ ପଣ୍ଡାଙ୍କ ରିପୋର୍ଟ......

## - V/O –

## ଦୁର୍ଗାପୂଜା-ଜିଲ୍ଲା

**କଟକ**ର ବିଭିନ୍ନ ପୂଜାମଣ୍ଡପରେ ଆଜି ଅପରାଜିତା ପୂଜା ସହ ସିନ୍ଦୁର ଖେଳ ଅନୁଷ୍ଠିତ ହୋଇଥିଲା। ବିଜୟାଦଶମୀରେ ସଧବା ସ୍ତ୍ରୀମାନେ ପରସ୍ପରକୁ ସିନ୍ଦୁର ବୋଳିଥାନ୍ତି। ଏଥିସହିତ ମା'ଙ୍କୁ ହସଖୁସିରେ ବିଦାୟ ଦେଇ ଆସନ୍ତାବର୍ଷ ପାଇଁ ମା'ଙ୍କର ଆଶୀର୍ବାଦ କାମନା କରିଛନ୍ତି। ଆଜି କେତେକ ପୂଜାମଣ୍ଡପ ପକ୍ଷରୁ  ସିନ୍ଦୁର ଖେଳ ସହ ମା'ଙ୍କର ବିସର୍ଜନ ପର୍ବ ଅନୁଷ୍ଠିତ ହୋଇଥିଲା।

**ବୌଦ୍ଧ** ଜିଲ୍ଲାର ବିଭିନ୍ନ ପୂଜାମଣ୍ଡପଗୁଡ଼ିକରେ ଦୁର୍ଗୋତ୍ସବ ମହାସମାରୋହରେ ଅନୁଷ୍ଠିତ ହେଉଛି। ଆକର୍ଷଣୀୟ ତୋରଣ ସାଙ୍ଗକୁ ରଙ୍ଗିନ ଆଲୋକମାଳା ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଛି। ଚଳିତଥର କମିଟି ପକ୍ଷରୁ ସ୍ୱଳ୍ପ ଖର୍ଚ୍ଚରେ ବର୍ଜ୍ୟ ବସ୍ତୁକୁ ଉପଯୋଗ କରାଯାଇ କୈଳାସଗିରି ଗୁମ୍ଫା ନିର୍ମାଣ କରାଯାଇଛି। ଜିଲ୍ଲାର ତିଳେଶ୍ୱର, ପୁରୁଣାକଟକ, ଚାରିଛକ, ବୌଦ୍ଧ ଆଦି ସ୍ଥାନରେ ମଣ୍ଡପଗୁଡ଼ିକରେ ମା'ଙ୍କର ଦିବ୍ୟମୂର୍ତ୍ତି ଭକ୍ତମାନେ ଦର୍ଶନ କରୁଛନ୍ତି। ବାଉଁଶୁଣି ଖେଳପଡିଆରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ରାବଣ ଦରବାର ଅନୁଷ୍ଠିତ ହେଉଛି।

**ସୁବର୍ଣ୍ଣପୁର**ରେ ବହୁ ଯାକଜମକରେ ଦଶହରା ପର୍ବ ପାଳିତ ହେଉଛି । ଜିଲ୍ଲାର ୭୭ରୁ ଅଧିକ ମଣ୍ଡପରେ ଦେବୀ ଦୁର୍ଗାଙ୍କର ଅପରାଜିତା ପୂଜା ଅନୁଷ୍ଠିତ ହୋଇଥିଲା । ସୁସଜ୍ଜିତ ଆଲୋକମାଳା ସାଙ୍ଗକୁ ସୁଦୃଶ୍ୟ ତୋରଣ ଏବଂ ଆକର୍ଷଣୀୟ ମଣ୍ଡପରେ ପୂଜିତ ଦେବୀଙ୍କୁ ଦେଖିବା ପାଇଁ ଜନସମାଗମ ଲାଗି ରହିଛି । ଜିଲ୍ଲାର କେତେକ ସ୍ଥାନରେ ଆଜି ରାବଣପୋଡି ଉତ୍ସବ ପାଇଁ ଆୟୋଜନ ଚାଲିଛି ।

**ମାଲକାନଗିରି** ଜିଲ୍ଲାର ସଦର ମହକୁମା ସମେତ ମାଥିଲି ଗୋବିନ୍ଦପାଲି, ବାଲିମେଳା, ଚିତ୍ରକୋଣ୍ଡା, କାଲିମେଳା ଓ ପଡିଆସ୍ଥିତ ସମସ୍ତ ପୂଜା ମଣ୍ଡପରେ ଶାନ୍ତିଶୃଙ୍ଖଳାର ସହିତ ଜନସାଧାରଣ ଦେବୀଙ୍କୁ ଦର୍ଶନ କରିଛନ୍ତି ।

## ମୁଖ୍ୟମନ୍ତ୍ରୀ- ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ଆସନ୍ତାକାଲି ବନ୍ଦ ରହିବ । ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ସୂଚନା ଅନୁସାରେ ଦୁର୍ଗାପୂଜା ଭସାଣ ଓ ମୁଖ୍ୟମନ୍ତ୍ରୀଙ୍କ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟ ଥିବାରୁ ଭୁବନେଶ୍ୱର ୟୁନିଟ୍-୫ସ୍ଥିତ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ ଶୁଣାଣି ବନ୍ଦ ରହିବ ।

## ମୁଖ୍ୟମନ୍ତ୍ରୀ–କେନ୍ଦୁଝର ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝି ଆଜି କେନ୍ଦୁଝରରେ ମା’ ଦୁର୍ଗାଙ୍କର ପୂଜାମଣ୍ଡପ ଗୁଡିକରେ ମା’ଙ୍କୁ ଦର୍ଶନ କରିଛନ୍ତି । ପାରମ୍ପରିକ ନୃତ୍ୟ ଗୀତରେ

ମୁଖ୍ୟମନ୍ତ୍ରୀଙ୍କୁ ବିଭିନ୍ନ ପୂଜାମଣ୍ଡପରେ ସ୍ୱାଗତ କରାଯାଇଥିଲା । ଗୁଜୁରାଟୀ ସମାଜର ନବରାତ୍ର ଉତ୍ସବରେ ମୁଖ୍ୟମନ୍ତ୍ରୀ ଯୋଗଦେଇଥିଲେ । ମୁଖ୍ୟମନ୍ତ୍ରୀ ତାଙ୍କର ନିଜ ଗ୍ରାମ ରାଇକଳା ଗସ୍ତ କରି ପୂଜାର୍ଚ୍ଚନାରେ ସାମିଲ ହୋଇଥିଲେ । ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପଦ୍ମପୁର ଗସ୍ତ କରିବା ପରେ ଅପରାହ୍ନରେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ ।

## ୟୁପିଆଇ କାରବାର

ଘରୋଇ ବଜାରରେ କ୍ରମାଗତ ଭାବେ ୟୁପିଆଇ କାରବାର ବୃଦ୍ଧି ପାଉଛି । ଚଳିତବର୍ଷ ଜାନୁୟାରୀ ପହିଲାରୁ ଜୁନ୍ ମାସ ଶେଷ ମଧ୍ୟରେ ୟୁପିଆଇ କାରବାର ପ୍ରାୟ ଅଣାଅଶୀ ବିଲିୟନ୍‌ରେ ପହଞ୍ଚିଛି । ପୂର୍ବବର୍ଷ ତୁଳନାରେ ଏହି ୬ ମାସ ମଧ୍ୟରେ ୫୨ ପ୍ରତିଶତ ୟୁପିଆଇ କାରବାର ବୃଦ୍ଧି ପାଇଛି । ୨୦୨୩ ଜାନୁୟାରୀରେ ୟୁପିଆଇ ମାଧ୍ୟମରେ ୧୨ ଦଶମିକ ୯/୮ ଲକ୍ଷ କୋଟି ଟଙ୍କାର କାରବାର କରାଯାଇଥିବାବେଳେ ୨୦୨୪ ଜୁନ୍‌ରେ ଏହି ପରିମାଣ ୨୦ ଦଶମିକ ୦/୭ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି । ପେମେଣ୍ଟ ଟେକ୍ନୋଲୋଜୀ ସେବା ପ୍ରଦାନକାରୀ ୱାର୍ଲ୍ଡ ଲାଇନ୍ ପକ୍ଷରୁ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି ।

## ହାତଧୂଆ ଅଭ୍ୟାସ

ରାଜ୍ୟର ସମସ୍ତ ପ୍ରାଥମିକ ଉଚ୍ଚ ପ୍ରାଥମିକ ଏବଂ ମାଧ୍ୟମିକ ବିଦ୍ୟାଳୟରେ ପୂର୍ବବର୍ଷ ଭଳି ଚଳିତଥର ମଧ୍ୟ ବିଶ୍ୱ ହାତଧୂଆ ଦିବସ ପାଳନ କରାଯିବ । ଆସନ୍ତା ୧୫ ତାରିଖରୁ ନଭେମ୍ବର ମାସ ୧୪ ତାରିଖ ପର୍ଯ୍ୟନ୍ତ

ପ୍ରତିଦିନ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କୁ ହାତଧୂଆ ଅଭ୍ୟାସ କରାଯିବ। ମଧ୍ୟାହ୍ନ ଭୋଜନ କରିବା ପୂର୍ବରୁ ଏବଂ ଶୌଚାଳୟ ବ୍ୟବହାର ପରେ ଠିକ୍ ଢଙ୍ଗରେ ହାତ ଧୋଇବା ପାଇଁ ପିଲାମାନଙ୍କୁ ଶିକ୍ଷା ଦିଆଯିବ। ଏ ସମ୍ପର୍କରେ ଓସେପା ପକ୍ଷରୁ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଯାଇଛି। ଆସନ୍ତାମାସ ୧୫ ତାରିଖରେ ବିଶ୍ୱ ହାତଧୂଆ ଦିବସ ପାଳନ କରାଯିବ। ଚଳିତବର୍ଷ ଏହି ଦିବସର ବାର୍ତ୍ତା ରହିଛି 'କାହିଁକି ସ୍ୱଚ୍ଛ ହାତ ଗୁରୁତ୍ୱପୂର୍ଣ୍ଣ'।

## ରାଧାଦାମୋଦର ବେଶ

**ପୁରୀ** ଶ୍ରୀମନ୍ଦିରରେ ଆସନ୍ତାକାଲିଠାରୁ କାର୍ତ୍ତିକ ନୀତି ଆରମ୍ଭ ହେବା ସହ ଶ୍ରୀଜୀଉମାନଙ୍କର ରାଧାଦାମୋଦର ବେଶ ଅନୁଷ୍ଠିତ ହେବ। ଆଶ୍ୱିନ ଶୁକ୍ଳ ଏକାଦଶୀ ତିଥିଠାରୁ ଶ୍ରୀମନ୍ଦିରରେ ୧ ମାସ ଧରି ମହାକାର୍ତ୍ତିକ ନୀତି ଅନୁଷ୍ଠିତ ହେବ। ପରମ୍ପରା ଅନୁଯାୟୀ, ଏହି ସମୟରେ ପ୍ରଭୁ ଶ୍ରୀବଳଭଦ୍ର ଶ୍ରୀଜଗନ୍ନାଥଙ୍କୁ ତ୍ରିକଚ୍ଛ ପରିଧାନ କରାଯାଇ ସୁବର୍ଣ୍ଣ ନଳୀ ଲାଗି କରାଯିବ। ବାଉଁଶପାତିଆ ଓ  କପଡାରେ ପ୍ରସ୍ତୁତ ଚୂଳ ଓ ଚନ୍ଦ୍ରିକା ମହାପ୍ରଭୁଙ୍କ ମସ୍ତକରେ ଶୋଭାପାଇବ। କାର୍ତ୍ତିକ ମାସରେ ଶ୍ରୀଜୀଉମାନେ ମସ୍ତକରେ ତଡଗୀ, ଚନ୍ଦ୍ର, ସୂର୍ଯ୍ୟ, ଚିତା ଏବଂ କର୍ଣ୍ଣରେ କୁଣ୍ଡଳ ଓ କଟିରେ ଓଡ଼ିଆଣୀ ଧାରଣ କରିବେ। ଆସନ୍ତାକାଲିଠାରୁ ହେଉଥିବା ରାଧାଦାମୋଦର ବେଶ କାର୍ତ୍ତିକମାସ ଶୁକ୍ଳପକ୍ଷ ଦଶମୀ ପର୍ଯ୍ୟନ୍ତ କରାଯିବ। ଏହି ବେଶରେ ଥାଇ ଠାକୁରଙ୍କର ବାଳଭୋଗ ନୀତି ସମ୍ପନ୍ନ କରାଯିବ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା

ଅନୁସାରେ, ପ୍ରତ୍ୟେହ ଭୋର ୪ଟାରୁ ଶ୍ରୀମନ୍ଦିର ଦ୍ୱାରଫିଟା ନୀତି କରାଯିବା ନେଇ ନୀତି ନିର୍ଘଣ୍ଟ ସ୍ଥିର କରାଯାଇଛି ।

## ମାଗଣା ମହାପ୍ରସାଦ

ପୁରୀ ଶ୍ରୀମନ୍ଦିରରେ ଭକ୍ତଙ୍କୁ ମାଗଣା ମହାପ୍ରସାଦ କୁଡୁଆ ମିଳିବ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ସେ କହିଛନ୍ତି, ରାଜ୍ୟ ସରକାର ଖୁବ୍‌ଶୀଘ୍ର ଏହି ଯୋଜନା ଆରମ୍ଭ କରିବେ । ରାଜ୍ୟ ତଥା ରାଜ୍ୟ ବାହାରୁ ଦର୍ଶନ ପାଇଁ ଆସୁଥିବା ଭକ୍ତଙ୍କୁ ମହାପ୍ରସାଦ କୁଡୁଆ ଦିଆଯିବ । ଏଥି ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିବା ଆଇନ୍ ମନ୍ତ୍ରୀ କହିଛନ୍ତି ।

# ପାଣିପାଗ

ଓଡିଶାରୁ ଆସନ୍ତା ମଙ୍ଗଳବାର ସୁଦ୍ଧା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରତ୍ୟାବର୍ତ୍ତନ କରିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି । ଗତ କିଛିଦିନ ଧରି ରାଜ୍ୟରେ ମୌସୁମୀର ସ୍ଥିତି ଦୁର୍ବଳ ରହିବା ସହିତ ବର୍ଷାର ପରିମାଣ କମିଛି । ଚଳିତବର୍ଷ ସ୍ୱାଭାବିକ ସମୟର ଚାରିଦିନ ପୂର୍ବରୁ ମୌସୁମୀ ଓଡିଶା ଛୁଇଁଥିଲା । କେରଳ ତଟ ଛୁଇଁବାର ୮ଦିନ ପରେ ମୌସୁମୀ ଓଡିଶା ପ୍ରବେଶ କରିଥିଲା । ଚଳିତବର୍ଷ ମୌସୁମୀ ଋତୁରେ ଜୁନ ପହିଲାରୁ ସେପ୍ଟେମ୍ବର ମାସ ଶେଷ ପର୍ଯ୍ୟନ୍ତ ୧୧ଟି ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଥିଲା । ରାଜ୍ୟରେ ଏହି ସମୟ ମଧ୍ୟରେ ୧ହଜାର ୯୨ମିଲିମିଟର ବର୍ଷା ହୋଇଥିଲା, ଯାହା କି ସ୍ୱାଭାବିକ ବର୍ଷାଠାରୁ ୫ ପ୍ରତିଶତ କମ୍ ଥିଲା । ମାଲକାନଗିରି ଜିଲ୍ଲାରେ ସର୍ବାଧିକ ବର୍ଷା

ହୋଇଥିଲା । ମାଲକାନଗିରି ଜିଲ୍ଲାରେ  ସ୍ୱାଭାବିକଠାରୁ ୫୬ ପ୍ରତିଶତ ଏବଂ ନୂଆପଡା ଜିଲ୍ଲାରେ ୧୩ପ୍ରତିଶତ ଅଧିକା ବର୍ଷା ହୋଇଥିଲା । ୨୪ଟି ଜିଲ୍ଲାରେ ସ୍ୱାଭାବିକ ବର୍ଷା ହୋଇଥିବାବେଳେ ୪ଟି ଜିଲ୍ଲାରେ ନିଅଣ୍ଟିଆ ବର୍ଷା ହୋଇଥିଲ ।

*********************************